# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ,ଭେଡ଼େନ,ଜିଲ୍ଲା-ବରଗଡ

ବିଜ୍ଞାପନ ସଂଖ୍ୟା......୬୭୩........./ ତାରିଖ ୨୬।୭।୨୫......

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ,ଓଡିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନୂତନ ଆଦେଶନାମା ନଂ WCD-ICDS-4-MISC-0033-20224970/ WCD Dated 15.03.2023 ଅନୁଯାୟୀ ଶିଶୁ ବିକାଶ ପ୍ରକଳ୍ପ, ଭେଡେନ ଅନ୍ତର୍ଗତ ଖାଲିଥିବା ପୋଢଚିକ୍ରା ଅଙ୍ଗନବାଡି ସେଣ୍ଟର ରେ ଅଙ୍ଗନବାଡି ସହାୟିକା ପଦ ପୂରଣ ନିମନ୍ତେ ଇଚ୍ଛୁକ ପ୍ରାର୍ଥିନୀ ମାନଙ୍କ ଠାରୁ ଦରଖାସ୍ତ ଆବାହନ କରାଯାଉଅଛି । ପ୍ରାର୍ଥିନୀମାନେ ତା 28.07.2025 ରିଖଠାରୁ ତା 11.08.2025 ରିଖ ମଧ୍ୟରେ Online ମାଧ୍ୟମରେ http://engagement-awc.odisha.gov.in website କୁ ଯାଯ଼ୀ ଆବଶ୍ୟକୀୟ ଫର୍ମ ପୂରଣ କରି ନିଜର ପ୍ରମାଣପତ୍ର ସହିତ ଆବେଦନ କରିବେ । ନିର୍ଦ୍ଧାରିତ ତାରିଖ ଓ ସମୟ ବାହାରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ନିମ୍ନ ସ୍ୱାକ୍ଷରକାରୀ ଯେ କୌଣସି ସମୟରେ କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞପ୍ତିକୁ ଆଂଶିକ କିମ୍ବା ସଂପୂର୍ଣ୍ଣ ଭାବେ ନାକଚ କରି ପାରିବେ ।

| କ୍ର. ନଂ | ଖାଲି ଥିବା ଅଙ୍ଗନୱାଡି କେନ୍ଦ୍ର ର ନାମ | ଗ୍ରାମ ପଞ୍ଚାୟତ ର ନାମ | କେନ୍ଦ୍ର ପରିମିତ ଅଞ୍ଚଳ (ଅଙ୍ଗନୱାଡି ସର୍ଭେ ଖାତା ଅନୁଯାୟୀ) |
|---|---|---|---|
| ୧ | ପୋଢଚିକ୍ରା | ଡାଲବ | ଘର ସଂଖ୍ୟା ୧ - ଲକ୍ଷ୍ମୀ ପଧାନ ରୁ<br>ଘର ସଂଖ୍ୟା ୯୭ - ପବିତ୍ର ହରିପାଳ |

ନିମ୍ନଲିଖିତ ଯୋଗ୍ୟତା ଥିବା ପ୍ରାର୍ଥିନୀମାନେ ଆବେଦନ କରିପାରିବେ ।

୧.ପ୍ରାର୍ଥିନୀ ଜଣେ ମହିଳା ଓ ଅଙ୍ଗନବାଡି  କେନ୍ଦ୍ର ପରିସରର ସ୍ଥାୟୀ ବାସିନ୍ଦା ହୋଇଥିବେ ଏବଂଅଙ୍ଗନବାଡି  କର୍ମୀଙ୍କ ଦ୍ୱାରା ଗ୍ରହଣୀୟ ହେବା ଉଚିତ ।

୨. ପ୍ରାର୍ଥିନୀଙ୍କ ବୟସ ତା ୦୧.୦୧.୨୦୨୫ ସୁଦ୍ଧା ୧୮ ବର୍ଷ ରୁ କମ କିମ୍ବା ୩୫ ବର୍ଷ ରୁ ଉର୍ଦ୍ଧ ହୋଇନଥିବ ।

୩. ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଯୁକ୍ତ ୨ ପାସ (12ᵗʰstandard) ହୋଇଥିବା ଦରକାର ।

୪. ପରୀକ୍ଷା ରେ ଉତ୍ତିର୍ଣ୍ଣ ହୋଇନଥିବା ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

୫. ମନୋନୟନ କ୍ଷେତ୍ର ରେ ଅନାଥ / ବିଧବା / ପୃଥକ ବାସ / ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ସରକାରଙ୍କ ନିୟମ ଅନୁଯାଇ ମାର୍କ ଦିଆଯାଇ  ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ ।

୬. ପ୍ରାର୍ଥିନୀ କୁ ଓଡିଆ ଭାଷା ର ଜ୍ଞାନ ଥିବ ଅର୍ଥାତ ଓଡିଆରେ ସ୍ପଷ୍ଟ ଭାବରେ ଲେଖି ଓ ପଢି ପାରୁଥିବା ବାଧ୍ୟତା ମୂଳକ ଅଟେ। ପ୍ରାର୍ଥିନୀ ଦକ୍ଷତା ର ସହ କାର୍ଯ୍ୟ ସମ୍ପାଦନ କରିପାରୁଥିବା ଉଚିତ ।

୭. ପ୍ରାର୍ଥିନୀ ନିଶ୍ଚିତ ଭାବରେ ରୋଷେଇ କାର୍ଯ୍ୟ ଜାଣିଥିବେ ଓ ଅଙ୍ଗନବାଡି କେନ୍ଦ୍ରର ଶିଶୁଙ୍କୁ ରନ୍ଧା ଖାଦ୍ୟ ପରିବେଷଣ ପାଇଁ ଆଗ୍ରହୀ ଥିବା ସଙ୍ଗେ ସଙ୍ଗେ ସେ ଅଙ୍ଗନବାଡି କେନ୍ଦ୍ର ର ଦୈନନ୍ଦିନ କାର୍ଯ୍ୟକ୍ରମ ଉପରେ ଅଙ୍ଗନବାଡି କର୍ମୀ ଙ୍କୁ ସାହାଯ୍ୟ କରିବା ପାଇଁ ଆଗ୍ରହୀ ଥିବା ଦରକାର ।

୮. ଏହି ନିଯୁକ୍ତିରେ ଓଡିଶା ସରକାରଙ୍କ ଓ. ଆର. ଭି ଆଇନ ଲାଗୁ ହେବ ନାହିଁ । କିନ୍ତୁ ଯେଉଁ ଗ୍ରାମ ଅନୁସୂଚିତ ଜାତି / ଜନଜାତି ଏବଂ ପଛୁଆ ବର୍ଗ ଅଧିକ ଜନସଂଖ୍ୟା ର ହୋଇଥିବେ ସେହିଠାରେ ଅଗ୍ରାଧିକାର ଭିତ୍ତିରେ ଚୟନ କରାଯିବ । ଏହି ଅଙ୍ଗନବାଡି କେନ୍ଦ୍ରର ଜନସଂଖ୍ୟା, ଜନସଂଖ୍ୟା ସର୍ବେକ୍ଷଣ -୨୦୨୫  ଅନୁଯାୟୀ ନିମ୍ନରେ ପ୍ରଦନ କରାଗଲା |

| | ଅନୁସୂଚିତ ଜନଜାତି | | ଅନୁସୂଚିତ ଜାତି | | ଅନ୍ୟାନ୍ୟପଛୁଆବର୍ଗ | | ଅନ୍ୟାନ୍ୟ | | ମୋଟ | |
|---|---|---|---|---|---|---|---|---|---|---|
| ଘର ସଂଖ୍ୟା | 17 | | 48 | | 21 | | 11 | | 97 | |
| ଲୋକ ସଂଖ୍ୟା | ପୁରୁଷ | ମହିଳା | ପୁରୁଷ | ମହିଳା | ପୁରୁଷ | ମହିଳା | ପୁରୁଷ | ମହିଳା | ପୁରୁଷ | ମହିଳା |
| | 36 | 37 | 103 | 99 | 39 | 45 | 20 | 13 | 198 | 194 |

**ଆବଶ୍ୟକୀୟ କାଗଜ ପତ୍ର ( ମୂଳ ଓ ନକଲ )ଆଶାୟୀ ପ୍ରାର୍ଥିନୀ ମାନେ ନିଜେ ଉପସ୍ଥିତ ରହି ଦାଖଲ କରିବେ**

୧. ଶିକ୍ଷ୍ୟାଗତ ଯୋଗ୍ୟତା ର ପ୍ରମାଣ ପତ୍ର / ବାସିନ୍ଦା ପ୍ରମାଣ ପତ୍ର/ ଜାତିଗତ ପ୍ରମାଣ ପତ୍ର

୨. ଭୋଟର ପରିଚୟ ପତ୍ର / ଆଧାର କାର୍ଡ

୩. ବିଧବା ମହିଳା ତାଙ୍କ ସ୍ଵାମୀଙ୍କ ମୃତ୍ୟୁ ପ୍ରମାଣ ପତ୍ର ଓ ସ୍ଵାମୀ ପରିତ୍ୟକ୍ତା ମହିଳା କୋର୍ଟ ରୁ ପାଇଥିବା ପ୍ରମାଣ ପତ୍ର

୪. ଫୋଟୋ ୨ ଗୋଟି

ବି:ଦ୍ର: 1. ବାସିନ୍ଦା ପ୍ରମାଣପତ୍ର ପାଇଁ ଗ୍ରହଣୀୟ ବୈଧତା ଅବଧି ବିଷୟରେ ସ୍ପଷ୍ଟୀକରଣ ଏବଂ ଆବେଦନକାରୀମାନେ ସେମାନଙ୍କର ଆବାସିକ ସ୍ଥିତିର ସଠିକତା ସୁନିଶ୍ଚିତ କରିବା ପାଇଁ ନୂତନ ଭାବେ ଜାରି ହୋଇଥିବା ପ୍ରମାଣପତ୍ର ଦାଖଲ କରିବେ ।

2. ଯଦି ଆବେଦନକାରୀମାନେ ଯାଞ୍ଚ ପର୍ଯ୍ୟାୟରେ ଡକ୍ୟୁମେଣ୍ଟ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦାଖଲ କରନ୍ତି / ଅପର୍ଯ୍ୟାପ୍ତ କମ୍ପ୍ୟୁଟର ଜ୍ଞାନ କିମ୍ବା ବୈଷୟିକ ତ୍ରୁଟି ଯୋଗୁଁ ଡକ୍ୟୁମେଣ୍ଟ ଅପଲୋଡ୍ କରିବାରେ ବିଫଳ ହୁଅନ୍ତି, ତେବେ ଚୟନ କମିଟି ଦ୍ୱାରା ଆବେଦନଗୁଡ଼ିକୁ ଗ୍ରହଣ କରାଯିବ ନାହିଁ।

ଉପର ଲିଖିତ ଯୋଗ୍ୟତା ମାନ ଥାଇ ପ୍ରାର୍ଥିନୀ ଯଦି ଅନୁସୂଚିତ ଜାତି ଓ ଜନଜାତି / ବିଧବା / ଅନାଥ / ପରିତ୍ୟକ୍ତା / ଅସହାୟା / ଅଧିକ ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ହୋଇଥିବେ ,ତେବେ ସେମାନଙ୍କୁ ସରକାରଙ୍କ ନିୟମ ମୁତାବକ ( ମହିଳା ଓ ଶିଶୁବିଭାଗର ପତ୍ର ସଂଖ୍ୟା- ୪୯୭୦ / WCD ତା.୧୫.୦୩.୨୦୨୩ ଅନୁଯାୟୀ ) ଅତିରିକ୍ତ ମୂଲ୍ୟାଙ୍କନ ଦିଆଯିବ ।

ଯଦି ପ୍ରାର୍ଥିନୀଙ୍କ ଜାତି / ସ୍ଥାୟୀ ବାସିନ୍ଦା / ଶିକ୍ଷାଗତ ପ୍ରମାଣପତ୍ରରେ କୌଣସି ମିଥ୍ୟା ତଥ୍ୟ ଚିହ୍ନଟ ହୁଏ, ତେବେ ପ୍ରାର୍ଥିନୀଙ୍କ ଦରଖାସ୍ତ ନାକଚ କରାଯିବା ସହିତ ସରକାରୀ ନିୟମ ଅନୁଯାୟୀ ଦଣ୍ଡିତ ହେବେ ।

ପ୍ରାର୍ଥିନୀ ମାନଙ୍କଠାରୁ ପାଇଥିବା ଦରଖାସ୍ତ ଗୁଡିକ ତା 12.08.2025 ରିଖ ଦିନ ଚୟନ କମିଟି ଦ୍ୱାରା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଭେଡ଼େନଙ୍କ କାର୍ଯ୍ୟାଳୟରେ ତନଖି କରାଯିବ । ଉକ୍ତ ଦିନ ସକାଳ ୧୧ ଘ. ସମୟରେ ଆବେଦନକାରୀ ପ୍ରାର୍ଥିନୀମାନେ ସେମାନଙ୍କର ମୂଳ ପ୍ରମାଣପତ୍ର ସହିତ ଏହି କାର୍ଯ୍ୟାଳୟରେ ନିଜେ ଉପସ୍ଥିତ ରହି ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରାଇବା ହେବେ । ନିର୍ଦ୍ଧାରିତ ଦିବସରେ ମୂଳ ପ୍ରମାଣପତ୍ର ସହ ଯାଞ୍ଚ କରେଇ ନପାରିଲେ ଉକ୍ତ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ସମସ୍ତ ଦରଖାସ୍ତଗୁଡିକୁ ମୂଳ ପ୍ରମାଣପତ୍ର ସହିତ ଯାଞ୍ଚ କଲାପରେ ଏକ ଯୋଗ୍ୟ ଆବେଦନକାରିଣୀଙ୍କ ତାଲିକା ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର/ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ/ ପଞ୍ଚାୟତ ସମିତି / କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ପାଇଁ ତା 12.08.2025 ରିଖ ଦିନ ଏକ ଚିଠା ପ୍ରକାଶନ କରାଯିବ ।

ଉକ୍ତ ଯୋଗ୍ୟ ତାଲିକା ରେ ଥିବା ଆବେଦନ କାରୀଙ୍କ ଜାତି / ସ୍ଥାୟୀ ବାସିନ୍ଦା / ଶିକ୍ଷାଗତ ପ୍ରମାଣପତ୍ର ଓ ବୟସ ଉପରେ କୌଣସି ଆପତ୍ତି କିମ୍ବା ଅଭିଯୋଗ ଥିଲେ ସେ ସମ୍ବନ୍ଧେ ତା. 13.08.2025 ରିଖ ଠାରୁ ତା. 19.08.2025 ରିଖ

(କାର୍ଯ୍ୟାଳୟ ଦିବସ) ମଧ୍ୟରେ ଆପତ୍ତି / ଅଭିଯୋଗ Online ମାଧ୍ୟମରେ **http://engagement-awc.odisha.gov.in** website ରେ upload କରିବେ । ନିର୍ଧାରିତ ତାରିଖ ପରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ । ସେହି ନିର୍ଦ୍ଧାରିତ ତାରିଖ ମଧ୍ୟରେ ମିଳିଥିବା ଆପତ୍ତି / ଅଭିଯୋଗ ଗୁଡିକର ଶୁଣାଣୀ କମିଟି ଦ୍ୱାରା ତା 20.08.2025 ରୁ ତା 26.08.2025 ରିଖ ମଧ୍ୟରେ ତଦାରଖ କରାଯିବ ।

ଏ ସମସ୍ତ କାର୍ଯ୍ୟକୁ ଭିତ୍ତିକରି ପ୍ରାର୍ଥିନୀ ଚୟନ ପାଇଁ ଚୂଡାନ୍ତ ତାଲିକା ପରବର୍ତ୍ତୀ ସାତ ଦିନ ସୁଦ୍ଧା ପ୍ରକାଶ କରାଯାଇପାରେ ଏବଂ କୌଣସି ଅନିବାର୍ଯ୍ୟ କାରଣ ବଶତଃ ଚୂଡାନ୍ତ ତାଲିକା ପ୍ରକାଶ ପାଇଁ ନୋଟିସ ମଧ୍ୟରେ ପରିବର୍ତ୍ତନ କରାଯାଇପାରେ । ପ୍ରକାଶ ଥାଉ କି ଉକ୍ତ ବିଜ୍ଞାପନ ସମ୍ବନ୍ଧରେ ପରବର୍ତ୍ତୀ ସମୟରେ କିଛି ପରିବର୍ତ୍ତନ ପାଇଁ ନୋଟିସ ଦିଆଯାଇପାରେ କିମ୍ବା କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କ ରହିଅଛି ।

Child Development Project Officer
Bheden
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଭେଡ଼େନ

ପରିପତ୍ର ସଂଖ୍ୟା ୪୭୪ ତାରିଖ ୨୪/୦୮/୨୫

ଏହାର ତିନିକିତା / ଚାରିକିତା ନକଲ ଗ୍ରାମରେ ଗ୍ରାମବାସୀଙ୍କୁ ଅବଗତି ଏବଂ ବହୁଳ ପ୍ରସାର ନିମନ୍ତେ ଅଧିସୂଚନା ଜାରି କରାଗଲା ।

Child Development Project Officer
Bheden
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଭେଡ଼େନ

ପରିପତ୍ର ସଂଖ୍ୟା ୪୭୫ ତାରିଖ ୨୪/୦୮/୨୫

ଏହାର ଏକାକିତା ନକଲ କାର୍ଯାଳୟ ନୋଟିସ ବୋର୍ଡ/ ପଞ୍ଚାୟତ ସମିତି କାର୍ଯାଳୟ ନୋଟିସ ବୋର୍ଡ/ ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ର ନୋଟିସ ବୋର୍ଡ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଅଧିସୂଚନା ଜାରି କରାଗଲା ।

Child Development Project Officer
Bheden
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଭେଡ଼େନ

ପରିପତ୍ର ସଂଖ୍ୟା ୪୭୬ ତାରିଖ ୨୪/୦୮/୨୫

ଏହାର ଏକାକିତା ନକଲ ଉପ ଜିଲ୍ଲାପାଳ, ବରଗଡ/ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବରଗଡ଼ ଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

Child Development Project Officer
Bheden
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଭେଡ଼େନ